**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**5 September – 2025**

# ପ୍ରଧାନମନ୍ତ୍ରୀ – ଜିଏସ୍‌ଟି

ଦ୍ରବ୍ୟ ଓ ସେବାକର ଜିଏସ୍‌ଟିର ପରବର୍ତ୍ତୀ ପୀଢ଼ି ସଂସ୍କାର ସ୍ୱାଧୀନୋତ୍ତର ଭାରତରେ ସବୁଠାରୁ ବଡ ସଂସ୍କାରମୂଳକ ପଦକ୍ଷେପ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ନୂଆଦିଲ୍ଲୀଠାରେ ଗତକାଲି ଜାତୀୟ ପୁରସ୍କାରପାଇଁ ମନୋନୀତ ଶିକ୍ଷକଙ୍କ ସହ ଆଲୋଚନା କାଳରେ ପ୍ରଧାନମନ୍ତ୍ରୀ କହିଛନ୍ତି ନବରାତ୍ରି ପାଳନର ପ୍ରଥମ ଦିନରେ ଅର୍ଥାତ୍ ଆସନ୍ତା ୨୨ ତାରିଖରେ ସଂଶୋଧିତ ଜିଏସ୍‌ଟି ଢ଼ାଞ୍ଚା କାର୍ଯ୍ୟକାରୀ କରାଯିବ । ଏହାର ସୁଫଳ ସମାଜର ବିଭିନ୍ନ ବର୍ଗ ବିଶେଷକରି  ଗରିବ ତଥା ମଧ୍ୟବିତ୍ତ ପରିବାରଙ୍କୁ ମିଳିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O**

# ଗୁରୁଦିବସ

ଭାରତର ଦ୍ୱିତୀୟ ରାଷ୍ଟ୍ରପତି, ରାଷ୍ଟ୍ରନୀତିଜ୍ଞ, ଶିକ୍ଷାବିତ୍ ସର୍ବପଲ୍ଲୀ ଡକ୍ଟର ରାଧାକ୍ରିଷ୍ଣନଙ୍କ ଜୟନ୍ତୀରେ ଆଜି ଦେଶବ୍ୟାପୀ ଶିକ୍ଷକ ଦିବସ ପାଳନ କରାଯାଉଛି । ଡକ୍ଟର ରାଧାକ୍ରିଷ୍ଣନ ୧୮୮୮ ମସିହା ସେପ୍ଟେମ୍ବର ୫ ତାରିଖରେ ଜନ୍ମଗ୍ରହଣ କରିଥିଲେ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି, ଶିକ୍ଷକମାନେ ହିଁ ପ୍ରକୃତ ରାଷ୍ଟ୍ର ନିର୍ମାତା । ଯେଉଁ ଦେଶରେ ଶିକ୍ଷା ଓ ଶିକ୍ଷକଙ୍କ

ମର୍ଯ୍ୟାଦା ଯେତେ ଅଧିକ, ସେ ଦେଶର ସଭ୍ୟତା ଓ ସଂସ୍କୃତି ସେତେ ଉନ୍ନତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଦିଲ୍ଲୀର ବିଜ୍ଞାନ ଭବନଠାରେ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଜାତୀୟ ପୁରସ୍କାର ପ୍ରଦାନ କରିବେ ।

ଭୁବନେଶ୍ୱରସ୍ଥିତ ଲୋକସେବା ସମ୍ମିଳନୀ କକ୍ଷରେ ଆଜି ପୂର୍ବାହ୍ନରେ ରାଜ୍ୟସ୍ତରୀୟ ଗୁରୁଦିବସ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମାରୋହରେ ଯୋଗଦେଇ ପୁରସ୍କାର ବିତରଣ କରିବେ ।

## ରାଜ୍ୟପାଳ-ସମୀକ୍ଷା ବୈଠକ

ରାଜ୍ୟରେ ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ପ୍ରକଳ୍ପ ଗୁଡ଼ିକର ସମୟୋଚିତ କାର୍ଯ୍ୟାନ୍ୱୟନ ଉପରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି । ରାଜଭବନରଠାରେ ଗତକାଲି ଏକ ସମୀକ୍ଷା ବୈଠକରେ ରାଜ୍ୟପାଳ ଜାତୀୟ ରାଜପଥ ପ୍ରାଧିକରଣ, ବିମାନଚଳାଚଳ ଏବଂ ରେଳବାଇର ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରୀତା ଏବଂ ସାମ୍ପ୍ରତିକ ସ୍ଥିତି ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ବୈଠକରେ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ପ୍ରମୁଖ ଯୋଗଦେଇଥିଲେ ।

## ମହମ୍ମଦ ଜୟନ୍ତୀ

ଇସ୍‌ଲାମ ଧର୍ମର ପ୍ରବର୍ତ୍ତକ ପୟଗମ୍ବର ହଜରତ ମହମ୍ମଦଙ୍କର ଜନ୍ମଦିବସକୁ ଆଜି ପବିତ୍ର ଇଦ୍-ଏ-ମିଲାଦ ଉନ୍ ନବୀ ଭାବେ ପାଳନ କରାଯାଉଛି ।

ମୁସଲମାନ ସଂପ୍ରଦାୟର ଭାଇ ଓ ଭଉଣୀମାନେ ଶୋଭାଯାତ୍ରାରେ ବାହାରି ଶାନ୍ତି ଓ ସଦ୍‌ଭାବନାର ବାର୍ତ୍ତା ଦେଇଥାନ୍ତି । ବିଶ୍ୱଶାନ୍ତି ପାଇଁ ମସ୍‌ଜିଦ୍‌ ଗୁଡ଼ିକରେ ସ୍ୱତନ୍ତ୍ର ପ୍ରାର୍ଥନା ସଭାର ଆୟୋଜନ କରାଯାଇଛି । ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁସଲମାନ ସଂପ୍ରଦାୟଙ୍କୁ  ଏହି ଅବସରରେ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି ।

## ସୁଭଦ୍ରା-ଯାଞ୍ଚ

ସୁଭଦ୍ରା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କ ଯୋଗ୍ୟତା ନେଇ ଯାଞ୍ଚ କରିବାକୁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବିଭିନ୍ନ ବିଭାଗକୁ ଚିଠି ଲେଖାଯାଇଛି । ପରିବହନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଖାଦ୍ୟଯୋଗାଣ ଓ ଖାଉଟୀକଲ୍ୟାଣ ବିଭାଗକୁ ଯୋଗ୍ୟତା ନେଇ ସୁଭଦ୍ରା ହିତାଧିକାରୀଙ୍କ ତାଲିକା ଯାଞ୍ଚ କରିବାକୁ ଅନୁରୋଧ କରାଯାଇଛି । ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର ଓକାକ୍‌ ପକ୍ଷରୁ ସମ୍ପୃକ୍ତ ବିଭାଗକୁ ହିତାଧିକାରୀଙ୍କ ଆବଶ୍ୟକ ତଥ୍ୟ ଯୋଗାଇ ଦେବାକୁ ମହିଳା ଓ ଶିଶୁବିକାଶ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

## କୃତ୍ରିମ ବୁଦ୍ଧିମତା-କର୍ମଶାଳା

ଭୁବନେଶ୍ୱରସ୍ଥିତ ରାଜ୍ୟ ସୂଚନା ବିଜ୍ଞାନ କେନ୍ଦ୍ରଠାରେ କୃତ୍ରିମ ବୁଦ୍ଧିମତା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉନ୍ନୟନ କମିଶନର ତଥା ଯୋଜନା ଓ ସଂଯୋଜନ ଏବଂ ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କର୍ମଶାଳାକୁ ଉଦ୍‌ଘାଟନ କରି କୃତ୍ରିମ ବୁଦ୍ଧିମତା ଆଧାରିତ

ନାଗରିକ କୈନ୍ଦ୍ରିକ ସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ତଥା ସଂଗଠନର ପ୍ରତିନିଧି କର୍ମଶାଳାରେ ଯୋଗଦେଇଥିଲେ ।

# ସମୀକ୍ଷା ବୈଠକ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଏବଂ ଭଞ୍ଜନଗର ଡିଭିଜନ ଅଞ୍ଚଳରେ ଜଳ ଓ ପରିମଳ ବିଭାଗ ପକ୍ଷରୁ ନିର୍ମାଣାଧୀନ ବୃହତ୍ ପାନୀୟଜଳ ଯୋଗାଣ ପ୍ରକଳ୍ପ ଗୁଡ଼ିକର ସ୍ଥିତି ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପାତ୍ରପୁର, ଚିକିଟି, ଦିଗପହଣ୍ଡି ଏବଂ ସାନଖେମୁଣ୍ଡି ବ୍ଲକରେ ନିର୍ମାଣାଧୀନ ପ୍ରକଳ୍ପ ଗୁଡ଼ିକୁ ଆସନ୍ତା ବର୍ଷ ଶେଷ ସୁଦ୍ଧା ପରୀକ୍ଷାମୂଳକ ଭାବେ ଚାଲୁ କରାଯିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି ।

# ସାର କଳାବଜାର ଯାଞ୍ଚ

ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକରେ ସାର କଳାବଜାରକୁ ରୋକିବା ଲକ୍ଷ୍ୟନେଇ ଯାଞ୍ଚ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । କୃଷି ଅଧିକାରୀ ବରୁଣ ଧନଫୁଲଙ୍କ ନେତୃତ୍ୱରେ ଏକ ଟିମ୍ ବ୍ଲକର ବିଭିନ୍ନ ସାର ବିକ୍ରୟ କେନ୍ଦ୍ରରେ ସମୀକ୍ଷା କରିଛନ୍ତି ।

# ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲାସ୍କୁଲଠାରେ ପୋସ୍କୋ ଆଇନ୍ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ

ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ବିଚାର ବିଭାଗୀୟ ଅଧିକାରୀ, ଶିକ୍ଷା ଅଧିକାରୀ ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷା ନେଇ ରହିଥିବା ଆଇନ୍‌ଗୁଡ଼ିକ ଉପରେ ଆଲୋଚନା କରିଛନ୍ତି ।